# Akashvani, Sambalpur

## SAMBALPURI NEWS EVENING BULLETIN

## 3 May 2025- 7.02 pm- 7.12 pm.

*********************************************

୧- ଦିଘା ଜଗନ୍ନାଥ୍ ମନ୍ଦିର୍ ଘଟ୍ନାକେ ନେଇକରି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କୁ ଜବାବ୍ ମାଗ୍‌ଲେ ଆଇନ୍‌ମନ୍ତ୍ରୀ ।

୨- ପରିବେଶ୍ ସୁରକ୍ଷା ଆଉ ସନ୍ତୁଲିତ୍ ଜୀବନ୍ ଲାଗି ଅକ୍ଷୟଶକ୍ତି ଅପ୍‌ନାବାର୍‌କେ ପରାମର୍ଶ ଦେଲେ ରାଜ୍ୟପାଲ୍ ।

- ରାଜ୍‌ଭବନ୍ ଠାନେ ଗଣମାଧ୍ୟମ୍ ପ୍ରତିନିଧିଙ୍କର୍ ସାଙ୍ଗେ କଲେ ଆଲୋଚନା ।

୩- ଗଣମାଧ୍ୟମ୍ ଆଉ ମନୋରଞ୍ଜନ୍ କ୍ଷେତ୍ରେ ଭାରତ୍ ପୁର୍‌ଥିର୍ ନେତୃତ୍ୱ ନେଇପାର୍‌ବା- କହେଲେ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ।

- ସମ୍ମିଳନୀଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

ଆଉର୍

୪- ସଂସ୍କୃତି ବିଭାଗ୍ ତର୍‌ଫୁ କେନ୍ଦୁଝର୍ ଜିଲ୍ଲା ନ ହେବା ପଶ୍ଚିମ ଓଡ଼ିଶାର୍ ନାଚ୍, ଗୀତ୍ ଉତ୍ସବ୍ 'ରଙ୍ଗବତୀ' ।

ଦିଘା ଜଗନ୍ନାଥ୍ ମନ୍ଦିର୍ ପ୍ରସଙ୍ଗ          ପୁରୀ ସମ୍ବାଦଦାତା

ପଶ୍ଚିମବଙ୍ଗ୍‌ର ଦିଘା ଠାନେ ଜଗନ୍ନାଥ୍ ମନ୍ଦିର୍ ପ୍ରତିଷ୍ଠା ଘଟ୍‌ନାକେ ନେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ଚିଠି ଲେଖିକରି ଜବାବ୍ ମାଗିଛନ୍ । ଇ ବାବ୍‌ଦେ ଆଏଜ୍ ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ଠାନେ ଶ୍ରୀପାଢ଼ୀଙ୍କର୍  ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ବସିଥିଲା । ବୈଠକ୍‌ଥି ପୁରୀ ଶ୍ରୀମନ୍ଦିର୍‌ର ନବକଳେବର ବେଲ୍‌କେ ଅଗ୍‌ଲୁଥିବା ଦାରୁ ବାବ୍‌ଦେ ଆଲୋଚନା କରାଯାଇଥିଲା । ତାର୍ ଉତ୍‌ରୁ ଖେପ୍ ଖେପ୍ କରି ଦେଉଳକରଣ, ତଢ଼ାଉକରଣ, ପାଟଯୋଷୀ ମହାପାତ୍ର, ବାଢ଼ଗ୍ରାହୀ, ବିଶ୍ୱକର୍ମା ମହାରଣା ମାନ୍‌କର୍ ସାଙ୍ଗେ ଆଲୋଚନା କରାଯାଇଥିଲା ।

ସେଆଡ଼େ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଆଏବା କାଏଲ୍ ଉପର୍‌ବେଲା ୫ ବଜେତକ୍ ଘଟ୍‌ନାକେ ନେଇକରି ମତାମତ୍ ରଖିବାର୍ ଲାଗି ସବୁ ନିଯୋଗ୍‌ମାନ୍‌କୁ ଚିଠି କରାଯାଇଛେ । ଆଝିରର୍ ବୈଠକ୍‌ଥି ଶ୍ରୀମନ୍ଦିର୍ ନୀତି ପ୍ରଶାସକ, ଉନ୍ନୟନ୍ ପ୍ରଶାସକ, ସୁରକ୍ଷା ପ୍ରଶାସକ ଆଉ ଅଲ୍‌ଗା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍-ଅକ୍ଷୟଶକ୍ତି          I&PR

ପରିବେଶ୍ ସୁରକ୍ଷା ଆଉ ସନ୍ତୁଳିତ୍ ଜୀବନ୍ ଯାପନ୍ ଲାଗି ଗୁଟେ ବର୍‌କସ୍ ଚେରେଷ୍ଟା ଦିଗେ ଅକ୍ଷୟଶକ୍ତିକେ ଅପ୍‌ନାବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ରାଜ୍‌ଭବନ୍ ନ୍ୟୁ ଅଭିଷେକ୍ ହଲ୍ ଠାନେ ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ପାରମ୍ପରିକ୍ ଶକ୍ତି ବଦ୍‌ଲେ ଅକ୍ଷୟଶକ୍ତିକେ ଅପ୍‌ନେଇକରି ପ୍ରଦୂଷଣ୍ କମାବାର୍, ଧର୍‌ତିର୍ ସୁରକ୍ଷା, ଅଶୋଧିତ ତେଲ୍ ଆମ୍‌ଦାନୀ କମାବାର୍ ଆଉ ବୈଦେଶିକ୍ ଟଙ୍କା ସଂଚୟ ଉପ୍‌ରେ ରଜାପାଲ୍ ଜୋର୍ ଦେଇଛନ୍ । ଅକ୍ଷୟଶକ୍ତିକେ ତହଁକାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ରାଜ୍ୟ ସର୍‌କାର୍ ଇ ଅବ୍‌ସରେ କହିଛନ୍ । ସେନ୍ତା ପେଟ୍ରୋଲ୍ ଆଉ ଡିଜେଲ୍ ଚାଲିତ୍ ଗାଡ଼ିମଟର୍ ବେଭାର୍ ବନ୍ଦ୍ କରିକରି ବିଜ୍‌ଲିଥି ଚାଲୁଥିବା ଗାଡ଼ିମଟର୍ ବେଭାର୍ କର୍‌ବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଅକ୍ଷୟଶକ୍ତିର୍ ଲାଭ୍ ଆର୍ ବେଭାର୍ ବାବ୍‌ଦେ କହିଛନ୍ ।

ୱେଭ୍‌ସ୍ ପି.ଆଇ.ବି.

ଗଣମାଧ୍ୟମ୍ ଆଉ ମନୋରଞ୍ଜନ୍ କ୍ଷେତ୍ରଥି ଭାରତ୍ ବିଶ୍ୱସ୍ତରଥି ନେତୃତ୍ୱ ନେଇପାର୍‌ବା ବଲି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ୍ କହିଛନ୍ । ମୁମ୍ୱାଇର୍ ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ଚାଲିଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଆଉ ମନୋରଞ୍ଜନ୍ ଶିଖର୍ ସମ୍ମିଲନୀ- ୱେଭ୍‌ସ୍-୨୦୨୫ର ୩ ନମ୍ୱର୍ ଦିନେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଯୋଗ୍ ଦେଇକରି କହିଛନ୍, ଭାରତ୍ ହେଉଛେ ନିଜର୍ ଆର୍ ଅଭିନବ କାହାନୀର୍ ଗନ୍ତାଘର୍ । ସୃଜନୀ କ୍ଷେତ୍ରକେ ୱେଭ୍‌ସ୍ ସମ୍ମିଲନୀ ଗୁଟେ ମଚାନ୍ ଦେଇଛେ । ବହୁତ୍‌ଟେ ବିଶ୍ୱ ସଂସ୍ଥା ଭାରତ୍ ସାଙ୍ଗେ ମିଶିକରି କାମ୍ କର୍‌ବାର୍‌କେ ଆଗ୍‌କେ ଆସିଛନ୍ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ସମ୍ମିଲନୀଥି ଆଏଜ୍ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି - ଆଇଆଇସିଟି ସହେତେ ଭିନ୍ ଭିନ୍ ଦେଶର୍ ୭ ଟା କମ୍ପାନୀ ବୁଝାମଣାପତ୍ର ସ୍ୱାକ୍ଷର୍ କରିଛନ୍ । ଆଏବା ଦିନେ ଆଇଆଇଟି ଆଉ ଆଇଆଇଏମ୍ ଢାଂଚାଥି ୪ ଶହ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ଆଇଆଇସିଟି ଥାପ୍‌ନା କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ୱେଭ୍‌ସ୍ ସମ୍ମିଲନୀ ଉଧେ ଆଏଜ୍ ୧୦ ନମ୍ୱର୍ ଜାତୀୟ କମ୍ୟୁନିଟି ରେଡ଼ିଓ ପୁରସ୍କାର୍ ଦିଆଯାଇଥିଲା । ଭଲ୍ କାମ୍ କରିଥିବାର୍‌ନୁ ଦେଶର୍ ୧୨ ଟା କମ୍ୟୁନିଟି ରେଡ଼ିଓ ଷ୍ଟେସନ୍‌କେ କେନ୍ଦ୍ର ସୂଚନା ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗାନ୍ ପୁରସ୍କୃତ୍ କରିଛନ୍ ।

ଇଥି ସସ୍‌ଟେନିବିଲିଟି ମୋଡ଼େଲ୍ ବର୍ଗଥି ଓଡ଼ିଶାର୍ ରେଡ଼ିଓ ନମସ୍କାର୍ ୨ ନମ୍ବର୍ ପୁରସ୍କାର୍ ପାଇଛେ ।

ଇ ଅବ୍‌ସରେ  ଦେଶର୍ ସବୁ କୋନାନୁ ଥିବା ଲୁକ୍‌କର୍ ପାଖ୍‌କେ ପୁହୁଁଚିବାର୍ ଲାଗି କମ୍ୟୁନିଟି ରେଡ଼ିଓ ଗୁଟେ ବର୍‌କସ୍ ମାଧ୍ୟମ୍ ହେଇପାରିଛେ ବଲି ମନ୍ତ୍ରୀ ଶ୍ରୀ ମୁରୁଗାନ୍ କହିଛନ୍ ।

ସେନ୍ତା ୱେଭ୍‌ସ୍ ସମ୍ମିଲନୀଥି ଆଏଜ୍ 'ସ୍ୱଦେଶୀ ଖେଲ୍: ଭାରତ୍‌ନୁ ବିଶ୍ୱସ୍ତର୍‌ତକ୍' ବିଷେଥି ହେଇଥିବା ଅଧିବେଶନ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ସ୍ୱଦେଶୀ ଖେଲ୍ ଖାଲି ଗୁଟେ ପ୍ରତିଯୋଗିତା ନୁହେଁସେ, ଇଟା ଆମର୍ ସଂସ୍କୃତି ସଙ୍ଗେ ଜୁଡ଼ି ହେଇକରି ରହିଥିବା ପରମ୍ପରା ଆଏ ବଲି କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର    ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଜୁଲାଇ ୩୧ ତାରିଖ୍‌ତକ୍ ପ୍ରକ୍ରିୟା ଚାଲୁ ରହେବା । ୫ ନୁ ୧୮ ବଛର୍ ବୟସର୍ ପିଲାମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ହେଉଛେ ଗୁଟେ ସମ୍ମାନ୍‌ଜନକ୍ ଜାତୀୟସ୍ତରର୍ ପୁରସ୍କାର୍ । ଯେନ୍‌ଟାକି ଦେଶର୍ ଛୁଆମାନ୍‌କର୍ ଅସାଧାରଣ୍ ସଫଲତାକେ ସ୍ୱିକୃତୀ ଦେସି ।

ଫି' ବଛର୍ ରାଷ୍ଟ୍ରପତିଙ୍କର୍ ଦ୍ୱାରା ଇ ପୁରସ୍କାର୍ ଦିଆଯାଏସି । ସାହସିକତା, ସମାଜ୍‌ସେବା, ପରିବେଶ୍, ଖେଲ୍, କଲାସଂସ୍କୃତି, ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ଲାଗି ଇ ପୁରସ୍କାର୍ ଦିଆଯାଏସି । ଇଥିର୍‌ଲାଗି ସର୍‌କାରୀ ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍ award.gov.in ଥି ଆବେଦନ୍ ପତ୍ର ଦାଖଲ୍ କରାଯାଇପାର୍‌ବା ।

କେନ୍ଦୁଝର୍ -ରଙ୍ଗବତୀ ଉତ୍ସବ୍ I&PR

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ କେନ୍ଦୁଝର୍ ଜିଲ୍ଲା ପ୍ରଶାସନ୍ ସହଯୋଗ୍‌ଥି କେନ୍ଦୁଝର୍ ଜିଲ୍ଲା ନ ଆଏବା ୫ ତାରିଖ୍ ନୁ ପଶ୍ଚିମ ଓଡ଼ିଶାର୍ ନାଚ୍, ଗୀତ୍ ଉତ୍ସବ୍ 'ରଙ୍ଗବତୀ' ଆୟୋଜନ୍ କରାଯିବା । ୩ ଦିନିଆ କାର୍ଯ୍ୟକ୍ରମ୍‌ଥି ପଶ୍ଚିମ ଓଡ଼ିଶାର୍ ବହୁତ୍ ଜନଶୁନା ଲୋକକଳାକାର୍, ନୃତ୍ୟଶିଳ୍ପୀ ଆଉ କଣ୍ଠଶିଳ୍ପୀମାନେ ଯୋଗ୍ ଦେବେ । ଡାଲ୍‌ଖାଇ, ରସର୍‌କେଲି ଠାନୁ ମୁଲ୍ କରିକରି ହୋମୁଣ୍ଡା, ଛଉ, ଚାଙ୍ଗୁ, ଝୁମର୍ ନାଚ୍ ପ୍ରଦର୍ଶନ୍ ହେବା ।

ଆଇଆଇଏମ୍‌ସି -ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍ସି ଢେଙ୍କାନାଳ୍ ର ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ ର ନାଁଲେଖାବାର୍ ଲାଗି ଅନ୍ଲାଇନ୍ ଆବେଦନ୍ ସମିଆକେ ମେ ୧୦ ତାରିଖ୍ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବ୍ସାଇଟ୍ ନୁ ନାଁଲେଖା ଫର୍ମ ଡାଉନ୍ଲୋଡ଼୍ କରିପାର୍ବେ । ଛାତ୍ରଛାତ୍ରୀ ଗୁଗୁଲ୍ ଫର୍ମ ଜରିଏ ଭି଼ଲ୍ ଆବେଦନ୍ କରିପାର୍ବେ ବଲି ଆଇଆଇଏମ୍ସି ତର୍ଫୁ ସୂଚ୍ନା ଦିଆଯାଇଛେ ।

ମେଟ୍ରିକ୍ ପରୀକ୍ଷା ଡିଜିଟାଲ୍ ସାର୍ଟିଫିକେଟ ଆର୍ଏନ୍ୟୁ/ କଟକ୍

ମେଟ୍ରିକ୍ ପରୀକ୍ଷାଥି ପାସ୍ କରିଥିବା ଛାତ୍ରଛାତ୍ରୀମାନ୍କୁ ୩ ଦିନ୍ ଭିତ୍ରେ ଡିଜିଟାଲ୍ ସାର୍ଟିଫିକେଟ୍ ଦିଆଯିବା ବଲି ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ ତର୍ଫୁ ପଦକ୍ଷେପ୍ ମୁଲ୍ କରାଯାଇଛେ । ପାସ୍ କରିଥିବା ୪ ଲାଖ୍ ୮୪ ହଜାର୍ ୮ ଶହ ୬୩ ଝନ୍ ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ୍ ସାର୍ଟିଫିକେଟ୍ ଦିଆଯିବା ବଲି ପରିଷଦ୍ ଉପସଭାପତି ଡକ୍ଟର୍ ନିହାର୍ ରଞ୍ଜନ୍ ମହାନ୍ତି କହିଛନ୍ । ସେ କହିଛନ୍, ମୂଲ୍ୟାଙ୍କନ୍କେ ନେଇକରି ପରୀକ୍ଷାର୍ଥୀମାନ୍କର୍ ଆପତି ଥିଲେ ଫେର୍ଘାଏ ଯାଂଚ୍ ବ୍ୟବସ୍ଥା କରାଯାଇଛେ । ଇଥିର୍ଲାଗି ଛାତ୍ରଛାତ୍ରୀମାନେ ଆଏଜ୍ଠାନୁ ୧୬ ତାରିଖ୍ ଭିତ୍ରେ ବୋର୍ଡ଼୍

ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ । ପରୀକ୍ଷାଫଲ୍‌କେ ନେଇକରି କେନ୍‌ସି ସନ୍ଦେହ ଥିଲେ ତଥ୍ୟ ପାଏବାର୍ ଲାଗି ବୋର୍ଡ଼୍ ତର୍‌ଫୁ ଆଏବା ୯ ତାରିଖ୍ ବେଲ୍‌ବୁଡ଼ର ୫ ବଜେନୁ ହେଲ୍‌ପ୍ ଲାଇନ୍ ନମ୍ବର୍ ଖୁଲାଯିବା ।

ଯୁକ୍ତ ଦୁଇ ପରୀକ୍ଷା ଫଲ୍        ହି.ସ.

ଯୁକ୍ତ ଦୁଇ ପରୀକ୍ଷା ଫଲ୍ ଇ ମାସର୍ ୩ ନମ୍ବର୍ ହପ୍ତା ଆଡ଼େ ବାହାରିବା । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଆଏଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଗଣତନ୍ତ୍ର ରାଷ୍ଟ୍ର ନ ଖବର୍‌କାଗଜ୍‌ର ସ୍ୱାଧୀନତାକେ ବଜାୟ ରଖ୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ।  ଇ ବଛର୍ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍‌ର ବାର୍ତା ହେଉଛେ ‘ନିର୍ଭୀକ୍ ନୂଆଁ ଯୁଗେ ସାମ୍ବାଦିକତା:ପ୍ରେସ୍ ସ୍ୱାଧୀନତା ଉପ୍‌ରେ କୃତ୍ରିମ ବୁଦ୍ଧିମତାର୍ ପ୍ରଭାବ୍’ । ସାମ୍ବାଦିକତା, ଗଣମାଧ୍ୟମ୍ ଆର୍ ପ୍ରେସ୍ ସ୍ୱାଧୀନତାଥି ଏ.ଆଇ ର ବଢ଼୍‌ତି ପ୍ରଭାବ୍ ଆର୍ ବେଭାର୍ ଇ ବିଷୟବସ୍ତୁକେ ବୁଝଉଛେ । ୧୯୯୧ ମସିହା ନ

ୟୁନେସ୍କୋର ସାଧାରଣ ପରିଷଦ୍‌ର ୨୬ ନମ୍ବର୍ ଅଧିବେଶନ୍‌ଥି ଗୃହିତ୍ ହେଇଥିବା ସୁପାରିଶ୍ ଆଧାର୍‌ଥି ୧୯୯୩ ମସିହା ନ ମିଲିତ୍ ଜାତିସଂଘର୍ ସାଧାରଣ୍‌ସଭା ତର୍‌ଫୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ପାଲନ୍ ବାବ୍‌ଦେ ଘୋଷ୍‌ନା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଅବ୍‌ସରେ କହିଛନ୍, ଗୁଟେ ମୁକ୍ତ ଆଉ ଦାୟିତ୍ୱପୂର୍ଣ୍ଣ ମାଧ୍ୟମ୍ ଗଣତନ୍ତ୍ରର୍ ନିହି ବନାସି । ଗଣମାଧ୍ୟମ୍‌ର ସ୍ୱାଧୀନତାକେ ସୁରକ୍ଷା ଦେବାର୍ ଆଉ ସତ୍ ଖୁଜ୍‌ବାର୍‌ଥି ସାମ୍ବାଦିକ୍‌ମାନ୍‌କୁ ସମର୍ଥନ୍ କର୍‌ବାର୍ ଲାଗି ସାମୂହିକ୍ ସଂକଳ୍ପ ନେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାଠାନେ ଜିଲ୍ଲା ପେଷାଦାର୍ ସାମ୍ବାଦିକ୍ ସଂଘ ତର୍‌ଫୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ପାଲିତ୍ ହେଇଯାଇଛେ । ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ୍ ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇଥିଲେ । ଦେଶ୍ ନିର୍ମାଣ୍ ଦିଗେ ଗଣମାଧ୍ୟମ୍‌ର ଭୂମିକା ସବୁବେଲେ ପ୍ରଶଂସନୀୟ ବଲି ଅତିଥିମାନେ ଇ ଅବ୍‌ସରେ କହିଥିଲେ । କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ସାମ୍ବାଦିକ୍

ସୁନୀଲ୍ ଚନ୍ଦ୍ର ନାୟକଙ୍କୁ ସାମ୍ବାଦିକ୍ ଗୌରବ ସମ୍ମାନ୍ ଆଉ ଇଙ୍ଗିତ ପଣ୍ଡାଙ୍କୁ ସାମ୍ବାଦିକ ସୌରଭ୍ ସମ୍ମାନ୍ ଦିଆଯାଇଛେ ।

କଳିଙ୍ଗ ସୁପର କପ୍ ଫୁଟବଲ        I&PR

କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍-୨୦୨୫ ଟାଇଟଲ୍ ହାସଲ୍ କର୍‌ବାର୍ ଲାଗି ଆଏଜ୍ ଏଫ୍‌ସି ଗୋଆ ଆଉ ଜାମସେଦପୁର ଏଫ୍‌ସି ଦଲ୍ ଭିତ୍‌ରେ ମୁକାବିଲା ହେବା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଉ କିଛି ସମିଆ ଉତ୍‌ରୁ ଫାଇନାଲ୍ ମେଚ୍ ଖେଲାଯିବା । ଗୋଆ ଦଲ୍ ୨ ନମ୍ବର୍ ଥର୍ ଫାଇନାଲ୍ ଖେଲ୍‌ବାର୍‌କେ ଯାଉଥିବାର୍ ବେଲ୍‌କେ ଜାମ୍‌ସେଦ୍‌ପୁର୍ ଦଲ୍ ପହେଲାଥର୍ ଫାଇନାଲ୍‌କେ ପୁହୁଁଚିଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗାନ ଧୁକାଗର୍ଡି ଆର୍ ଘଡ଼୍‌ଘଡ଼ି ସାଙ୍ଗେ ହାଲ୍‌କାନୁ ମଧମ ବର୍ଷା ହେଇପାରେ । ସୁନ୍ଦର୍‌ଗଡ଼୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ମାଲ୍‌କାନ୍‌ଗିରି, କୋରାପୁଟ୍, ଗଜପତି ଆର୍ ରାୟଗଡ଼ା ଜିଲ୍ଲା ନ ଜବର୍ ଧୁକାଗର୍ଡ୍ଡି, ବର୍ଷା, ଚଡ଼କ୍ ଆର୍

କରା ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚନା ଜାରି କରାଯାଇଛେ । କାଲ୍‌ବୈଶାଖୀର୍ ବଲେ ରାଜ୍ୟର୍ ସବୁ ଜାଗା ନ ଆଏଜ୍ ଦିନର୍ ତାତି ୪୦ ଡିଗ୍ରୀ ତଲେ ରହିଥିଲା । ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।